# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20th May – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲି ପ୍ରକାଶ ପାଇବ ଯୁକ୍ତଦୁଇ ପରୀକ୍ଷା ଫଳ; ସୂଚନା ଦେଲା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ

— ଜୁନ ମାସ ଏକ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଲା ଯୁକ୍ତ ତିନି ପାଇଁ ଆବେଦନ ଅବଧି

- ରାଜ୍ୟ କ୍ୟାବିନେଟ୍ ବୈଠକର ଢାଂଚାରେ ପରିବର୍ତ୍ତନ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି

- ବୌଦ୍ଧ ଜିଲ୍ଲାରୁ ଅନ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହେବ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ନଥିପତ୍ର ବ୍ୟବସ୍ଥା

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ମଧ୍ୟରେ ଛୁଇଁବ କେରଳ ଉପକୂଳ

## ଯୁକ୍ତଦୁଇ

ରାଜ୍ୟରେ ଆସନ୍ତାକାଲି ଅପରାହ୍ଣରେ ଯୁକ୍ତଦୁଇ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ସି.ଏଚ.ଏସ୍.ସି. ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ଏକସଙ୍ଗରେ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇବ ।

ଅପରପକ୍ଷରେ, ରାଜ୍ୟରେ ଥିବା ସମସ୍ତ କଲେଜରେ ଯୁକ୍ତତିନିରେ ନାମଲେଖା ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସାମ୍ସ୍ ପୋର୍ଟାଲରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ଯୁକ୍ତଦୁଇ ପରୀକ୍ଷାର ମାର୍କସିଟ୍ ମଧ୍ୟ ଜୁନ୍ ୧ ତାରିଖ ସୁଦ୍ଧା ଅପ୍‌ଲୋଡ କରିପାରିବେ । ସୂଚନାଯୋଗ୍ୟ, ଯୁକ୍ତତିନି ନାମଲେଖା ପାଇଁ ଆଜି ଆବେଦନର ଶେଷ ତାରିଖ ଥିଲା ।

## କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକର ଢାଞ୍ଚାରେ ପରିବର୍ତ୍ତନ ନେଇ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ନୂଆ ଢାଞ୍ଚା ସମ୍ପର୍କରେ ସଂସଦୀୟ ବ୍ୟାପାର ସଚିବ ସବୁ ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି, କ୍ୟାବିନେଟ୍ ବସିବାର ୫ ଦିନ ପୂର୍ବରୁ ପ୍ରସ୍ତାବ ଚୂଡ଼ାନ୍ତ ହେବ । ୨ ଦିନ ପୂର୍ବରୁ କ୍ୟାବିନେଟ୍ ପ୍ରସ୍ତାବର ଫାଇଲ୍ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ଯିବ । ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ କୌଣସି ପ୍ରସ୍ତାବ କ୍ୟାବିନେଟ୍‌କୁ ଆସି ପାରିବ ନାହିଁ । ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନରଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ ଅନ୍ୟ

କୌଣସି ବିଭାଗୀୟ ସଚିବ କ୍ୟାବିନେଟ୍‌ରେ ବସିପାରିବେ ନାହିଁ। ଆବଶ୍ୟକସ୍ଥଳେ ବିଭାଗୀୟ ସଚିବ କ୍ୟାବିନେଟ୍ ବୈଠକ ଗୃହକୁ ଯାଇପାରିବେ। ପ୍ରସ୍ତାବରେ ମୋହର ବାଜିବା ପରେ ତାକୁ କାର୍ଯ୍ୟକାରୀ କରାଇବା  ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ଦାୟିତ୍ୱ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ପ୍ରକଳ୍ପ ଶିଳାନ୍ୟାସ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅଂଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶ୍ରୀମତୀ ପରିଡା ଉଚ୍ଛୁପୁର ନରୋଡାଠାରେ ଜଳସମ୍ପଦ ବିଭାଗ ଦ୍ୱାରା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ଅଙ୍ଗନଓ୍ୱାଡି କେନ୍ଦ୍ର ପରିଦର୍ଶନ କରିବା ସହ ଆଶାକର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ।

## ପିଜିଟି କର୍ମଶାଳା

ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର-ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତାବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷିଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି କର୍ମଶାଳାରେ ୧୭ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦୦ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

କର୍ମଶାଳାରେ ବିଭିନ୍ନ ଆଂଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନେ ଯୋଗଦେଇ ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା, ପ୍ରଶାସନିକ କାର୍ଯ୍ୟ, ଉତ୍ତମ ଶିକ୍ଷାଦାନ, ପୋର୍ଟାଲ ପରିଚାଳନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ।

## କରୋନା ସତର୍କତା

ଦେଶରେ ପୁଣି କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଜନସାଧାରଣଙ୍କୁ ସତର୍କ କରାଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ବହୁବିଧ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ବିଶେଷକରି କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଦେଖାଦେଇଥିବା କୋଭିଡ୍ ଓମିକ୍ରନ୍‌ର ସବ୍ ଭାରିଆଣ୍ଟରେ କୋଭିଡ୍ ଭୂତାଣୁର ସାମାନ୍ୟ ଲକ୍ଷଣ ରହୁଛି। ଓଡ଼ିଶାରୁ ଯଦି କେହି ଆକ୍ରାନ୍ତ ଚିହ୍ନଟ ହୁଅନ୍ତି, ତୁରନ୍ତ ଜିନମ୍ ସିକ୍ୱେନ୍ସିଂ ପାଇଁ ପଠାଯିବ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସମ୍ପର୍କିତ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

**-V/O-***(Nilakantha Mishra)*

## ନଥିପତ୍ର ବ୍ୟବସ୍ଥା

ଅନ୍‌ଲାଇନ୍ ମାଧ୍ୟମରେ ନଥିପତ୍ର ବ୍ୟବସ୍ଥା ଆସନ୍ତା ୨୭ ତାରିଖରୁ **ବୌଦ୍ଧ** ଜିଲ୍ଲାରୁ ଆରମ୍ଭ ହେବ। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବାବେଳେ ପାଇଲଟ୍ ଜିଲ୍ଲା ଭାବେ ବୌଦ୍ଧକୁ ନିଆଯାଇଛି। ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ଲକ୍, ତହସିଲ୍ କାର୍ଯ୍ୟାଳୟରେ ଅନ୍‌ଲାଇନ୍ ମାଧ୍ୟମରେ ନଥିପତ୍ର ବ୍ୟବସ୍ଥା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୬୦ଟି ସରକାରୀ କାର୍ଯ୍ୟାଳୟକୁ ସାମିଲ କରାଯାଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିନିମନ୍ତେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ  ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଓ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି।

## ଡାକ୍ତରଖାନା କାର୍ଯ୍ୟ ସମୀକ୍ଷା

**ବୌଦ୍ଧ** ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ନିର୍ମାଣାଧୀନ ୩୦୦ ଶଯ୍ୟାବିଶିଷ୍ଟ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରି ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।  ସୂଚନା ଅନୁସାରେ, ଆସନ୍ତା ମାସ ଶେଷ ସୁଦ୍ଧା ଡାକ୍ତରଖାନାର ଉଦ୍‌ଘାଟନ ପାଇଁ ଲକ୍ଷ୍ୟ ରଖାଯାଇଛି।

## ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲାର ଛତ୍ରପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ନେଇ

ଆଲୋଚନା ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ବିପର୍ଯ୍ୟୟ ପରିଚାଳନା ବୈଠକ

**ଦେବଗଡ଼** ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଓ ମୁକାବିଲା ନେଇ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ମୌସୁମୀ ପୂର୍ବରୁ କୃଷି ବିଭାଗ ପକ୍ଷରୁ ବିହନ, ସାର ଓ କୀଟନାଶକ ଔଷଧ ଗଚ୍ଛିତ ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାଘ ଗଣନା

**ନୟାଗଡ଼** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ୪ଟି ବନାଞ୍ଚଳର ୩୬ଟି ବିଟ୍‌ହାଉସ୍‌ରେ ବାଘ ଗଣନା ଆରମ୍ଭ ହୋଇଛି । ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯିବା ସହିତ ବ୍ୟାଘ୍ର ଗଣନା କାର୍ଯ୍ୟରେ ସ୍ୱତନ୍ତ୍ର ଦଳ ନିୟୋଜିତ ହୋଇଛନ୍ତି । ଏହି ଗଣନା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପରାକ୍ରମ ଶୋଭାଯାତ୍ରା

ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ସୁରକ୍ଷିତ ସମାଜର ସୁନ୍ଦର ମଣ୍ଡଳ ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା' **ନୂଆପଡ଼ା** ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସହିଦ ପରିବାର ତଥା ଅବସରପ୍ରାପ୍ତ ଯବାନମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ଚନ୍ଦନ ଯାତ୍ରା

ଶ୍ରୀକ୍ଷେତ୍ର **ପୁରୀ**ରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନଯାତ୍ରା ଆଜି ଶେଷ ହେଉଛି । ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ପ୍ରମୁଖ ଏହି ଯାତ୍ରାରେ ମହାପ୍ରଭୁଙ୍କର ମାନବୀୟ ଲୀଳା କ୍ରମରେ ନରେନ୍ଦ୍ର ପୁଷ୍କରିଣୀରେ ତାଙ୍କର ହଳଦୀ ପାଣି ନୀତି ଅନୁଷ୍ଠିତ ହୋଇଛି । ଏହି ନୀତିକାନ୍ତି ଦର୍ଶନ କରିବା ପାଇଁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ସମାଗମ ହୋଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ **ନୟାଗଡ଼** ଜିଲ୍ଲା କଣ୍ଟିଲୋରେ ଶ୍ରୀନୀଳମାଧବଙ୍କର ଭଉଁରୀ ଯାତ୍ରା ଆଜି ପାରିମ୍ପରିକ ରୀତିରେ ଶେଷ ହୋଇଛି । ଶେଷ ଦିବସରେ ଶ୍ରୀଜୀଉମାନେ ଚନ୍ଦନ ପୋଖରୀରେ ୧୮ ଘେରା ଚାପ କରିବା ସହ ୭୨ ଘେରା ଭଉଁରୀ ଖେଳିଥିଲେ । ଏହି ଚାପଖେଳ ସହ ଆୟୋଜିତ ଆତସବାଜି ଓ ଆଲୋକସଜ୍ଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହୋଇଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୨୫ ତାରିଖ ବେଳକୁ କେରଳ ତଟ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗତ ୧୩ ତାରିଖରେ ମୌସୁମୀ ଆଣ୍ଡାମାନ ସାଗର ଛୁଇଁବା ପରେ ଦକ୍ଷିଣ ବଙ୍ଗୋପ ସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର ଅଂଚଳଗୁଡ଼ିକୁ ଅଗ୍ରସର କରିସାରିଛି । ଚଳିତବର୍ଷ ୬ ଦିନ ଆଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ସ୍ପର୍ଶ କରିଥିଲା ।

ଅନ୍ୟପକ୍ଷରେ, ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଘଡଘଡ଼ି ସହ ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି....

**-V/O-***(Manorama Mohanty)*

ଅପରପକ୍ଷରେ, କାଳବୈଶାଖୀ ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଆଜି ୫ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ ହୋଇଛି। ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।

*********************************